





# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

## ୩ କୋଟିରୁ ଅଧିକ ଓଡ଼ିଶାବାସୀଙ୍କୁ ମିଳୁଛି ଖାଦ୍ୟ ସୁରକ୍ଷା







# ବିଷୟସୂଚୀ


ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ------------------------------------------ ପୃଷ୍ଠା ୦୨

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ବାର୍ତ୍ତା--ପୃଷ୍ଠା ୦୩

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଯୋଜନା ସମ୍ପର୍କରେର--------- ପୃଷ୍ଠା ୦୪

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଉଦ୍ଦେଶ୍ୟ ଓ ସୁବିଧା -------- ପୃଷ୍ଠା ୦୫

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଅଗ୍ରଯାତ୍ରା --------------- ପୃଷ୍ଠା ୦୬

ଯୋଜନାକୁ ସଫଳ କରିବା ପାଇଁ କିଭଳି ଥିଲା ପ୍ରାକ ପ୍ରସ୍ତୁତି -- ପୃଷ୍ଠା ୦୭

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ---------------- ପୃଷ୍ଠା ୦୮

ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଯ୍ୟକ୍ରମ ----- ପୃଷ୍ଠା ୦୯

କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କ ବକ୍ତବ୍ୟ --------------ପୃଷ୍ଠା ୧୦

କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କ ବକ୍ତବ୍ୟ ------------ ପୃଷ୍ଠା ୧୧

ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଯ୍ୟକ୍ରମ ------ ପୃଷ୍ଠା ୧୨

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଡ ବଣ୍ଟନ ----------------- ପୃଷ୍ଠା ୧୩

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଚାଉଳ ବଣ୍ଟନ -------------- ପୃଷ୍ଠା ୧୪

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ହିତାଧିକାରୀଙ୍କ ଅନୁଭୂତି --- ପୃଷ୍ଠା ୧୫

ଖବର କାଗଜ ପୃଷ୍ଠାରୁ -------------------------------------- ପୃଷ୍ଠା ୧୬

ହେଲ୍ପଲାଇନ୍ ---------------------------------------------- ପୃଷ୍ଠା ୧୭

# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ନମସ୍କାର,

ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ପବିତ୍ର ଯାତ୍ରାରେ ଆପଣ ମାନଙ୍କର ଅମୂଲ୍ୟ ସହଯୋଗ ଓ ଆସ୍ଥା ପାଇଁ ମୁଁ ହୃଦୟରୁ କୃତଜ୍ଞତା ଜଣାଉଛି । ଖାଦ୍ୟ ସୁରକ୍ଷାର ପବିତ୍ର ଅଧିକାରକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା" ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ ଆପଣମାନେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ପ୍ରତିମାସ ୫ କିଲୋଗ୍ରାମ ଚାଉଳ ପାଉଥିବାବେଳେ, ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆହୁରି ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ଫଳସ୍ୱରୂପ, ପ୍ରତ୍ୟେକ ଯୋଗ୍ୟ ଲାଭାର୍ଥୀ ମାସିକ ମୁଣ୍ଡପିଛା ୧୦ କିଲୋଗ୍ରାମ ଚାଉଳ ବିନା ଦେୟରେ ପାଇପାରିବେ । ମୋର ଅତୁଟ ବିଶ୍ୱାସ- ଖାଦ୍ୟ ସୁରକ୍ଷା କେବଳ ଏକ ଯୋଜନା ନୁହେଁ, ଏକ ଗରିମାମୟ ଜୀବନର ମୂଳ ଆଧାର ।

ଆସନ୍ତୁ, ଆମେ ସମସ୍ତେ ମିଶି ଏକ ବିକଶିତ, ସ୍ୱାବଲମ୍ବୀ ଓ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ନେବା । ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୩୬ ସୁଦ୍ଧା ଏକ ନୂତନ, ସଶକ୍ତ ଓ ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଆମ ସମସ୍ତଙ୍କର ଦାୟିତ୍ୱ ।



**( ମୋହନ ଚରଣ ମାଝୀ )**

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର**

ମନ୍ତ୍ରୀ

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,

ବିଜ୍ଞାନ ଓ ବୈଷୟିକ



## ବାର୍ତ୍ତା

ରାଜ୍ୟର ପ୍ରତ୍ୟେକ ଗରିବ ପରିବାରର ଖାଦ୍ୟ ଓ ପୋଷଣ ସୁରକ୍ଷା ନିଶ୍ଚିତ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଆମ ରାଜ୍ୟର ଯଶସ୍ୱୀ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆରମ୍ଭ ହୋଇଛି ଏକ ଯୁଗାନ୍ତକାରୀ ତଥା ପ୍ରଗତିଶୀଳ ଜନକଲ୍ୟାଣକାରୀ ପଦକ୍ଷେପ — 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'।

ଆମ ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି 'ଅନ୍ତ୍ୟୋଦୟ' — ଅର୍ଥାତ୍ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିବିଶେଷଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା। 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ଅଧୀନରେ ଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସେମାନଙ୍କ ସାଧାରଣ ପ୍ରାପ୍ୟ ବ୍ୟତୀତ ମୁଣ୍ଡପିଛା ଅତିରିକ୍ତ ୫ କିଲୋଗ୍ରାମ ମାଗଣା ଚାଉଳ (ମୋଟ ମୁଣ୍ଡପିଛା ୧୦ କିଲୋଗ୍ରାମ) ଯୋଗାଇ ଦିଆଯାଉଛି। ଏହାଦ୍ୱାରା ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୩ କୋଟି ୨୮ ଲକ୍ଷରୁ ଅଧିକ ହିତାଧିକାରୀ ସିଧାସଳଖ ଉପକୃତ ହେଉଛନ୍ତି।

ଏହି ବିଶେଷ ପତ୍ରିକାଟି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ। ପତ୍ରିକାର ସର୍ବାଙ୍ଗୀନ ସଫଳତା କାମନା କରିବା ସହ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି।

**(କୃଷ୍ଣ ଚନ୍ଦ୍ର ପାତ୍ର)**

**ମନ୍ତ୍ରୀ,**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,**

**ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡ଼ିଶା**



# 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'

### ଖାଦ୍ୟ ସୁରକ୍ଷା ସୁନିଶ୍ଚିତତା ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ଐତିହାସିକ ସଂକଳ୍ପ

## ଯୋଜନା ସମ୍ପର୍କରେ

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ଜନକଲ୍ୟାଣକାରୀ ଖାଦ୍ୟ ସୁରକ୍ଷା ଯୋଜନା । ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ମାଗଣା ୫ କିଲୋଗ୍ରାମ ଚାଉଳ ବ୍ୟତୀତ ପ୍ରତି ହିତାଧିକାରୀଙ୍କ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ବିନା ମୂଲ୍ୟରେ ପ୍ରଦାନ କରାଯାଉଛି । ଫଳରେ ବର୍ତ୍ତମାନ ପ୍ରତ୍ୟେକ ହିତାଧିକାରୀ ମାସିକ ମୋଟ ୧୦ କିଲୋଗ୍ରାମ ଲେଖାଏଁ ଚାଉଳ ବିନା ମୂଲ୍ୟରେ ପାଇପାରୁଛନ୍ତି ।

ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ରାଜ୍ୟର ପ୍ରତ୍ୟେକ ପରିବାରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବାର ଏକ ସମ୍ବେଦନଶୀଳ ସାମାଜିକ ଅଙ୍ଗୀକାରବଦ୍ଧତା ।

## ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଖାଦ୍ୟ ସୁରକ୍ଷା ଦ୍ୱାରା ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା । ରାଜ୍ୟର ପ୍ରତ୍ୟେକ ପରିବାର ଯେପରି ଖାଦ୍ୟ ସମ୍ପନ୍ନ ହୋଇପାରିବେ,ତାହା ନିଶ୍ଚିତ କରିବାକୁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି । ଏହା କେବଳ ଯେ ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବ ତାହା ନୁହେଁ ବିଶେଷ କରି ଶିଶୁ, ମହିଳା ଓ ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ଆବଶ୍ୟକୀୟ ଖାଦ୍ୟ ଯୋଗାଇ ଅପପୁଷ୍ଟିର ନିରାକରଣରେ ମଧ ସହାୟକ ହେବା ଏଥିସହିତ ବୟୋବୃଦ୍ଧ ନାଗରିକମାନେ ଯେପରି ସୁବିଧାରେ ଖାଦ୍ୟାଭାବ ଜନିତ ଆଶଙ୍କାରୁ ଆଶ୍ୱସ୍ତ ହେବେ, ସେଥିପାଇଁ ସାମାଜିକ ସୁରକ୍ଷା ବଳୟକୁ ସୁଦୃଢ଼ କରିବା ମଧ ଏହି ଯୋଜନାର ଲକ୍ଷ୍ୟ ଅନ୍ତର୍ଗତ ।

## ଯୋଜନାର ଶୁଭାରମ୍ଭ

ସମାଜର ଶେଷ ଧାଡ଼ିରେ ଥିବା ସବୁଠାରୁ ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକଙ୍କ ନିକଟରେ ବିକାଶ ଓ ସାମାଜିକ ସୁରକ୍ଷାର ସୁଫଳ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୧୨ ଜୁନ୍ ୨୦୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଓଡ଼ିଶାରେ ଲୋକଙ୍କ ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ଏହି ବୃହତ ଜନକଲ୍ୟାଣକାରୀ ଯୋଜନା ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଗରିବ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ଯୋଜନାରେ ବାର୍ଷିକ ବ୍ୟୟ ହେବାକୁ ଥିବା ୮,୮୧୩ କୋଟି ଟଙ୍କା ସରକାରଙ୍କ ପାଇଁ କୌଣସି ସାଧାରଣ ଖର୍ଚ୍ଚ ନୁହେଁ, ବରଂ ଏହା ଏକ "ପବିତ୍ର ସାମାଜିକ ନିବେଶ" ।



# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଅଭ୍ୟାରମ୍ଭ

'କେହି ଭୋକିଲା ରହିବେ ନାହିଁ, ପ୍ରତ୍ୟେକ ପରିବାରକୁ ମିଳିବ ଖାଦ୍ୟ ସୁରକ୍ଷା" ଏହି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ତାଲିକାରେ ସ୍ଥାନ ପାଇଥିଲା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ବିଶେଷ କରି NFSA (National Food Security Act) ଏବଂ SFSS (State Food Security Scheme) ଅଧୀନରେ ଥିବା ଯୋଗ୍ୟ ହିତାଧିକାରୀମାନେ କିଭଳି ଏହାର ସୁବିଧା ପାଇବେ ସେନେଇ ରାଜ୍ୟ ସରକାର ପରିକଳ୍ପନା କରିଥିଲେ ।

ଏହି ଯୋଜନା ଦ୍ୱାରା ଓଡ଼ିଶାର ୩.୨୮ କୋଟିରୁ ଅଧିକ ଲୋକ, ଅର୍ଥାତ୍ ରାଜ୍ୟର ପ୍ରାୟ ୮୦% ଜନସଂଖ୍ୟା ଉପକୃତ ହେବାକୁ ଥିବାରୁ ଯୋଜନାଁ ବାବଦରେ ଘୋଷଣା କରିବା ଆଗରୁ ରାଜ୍ୟ ସରକାର ବିଭାଗର ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଯେହେତୁ ଅନ୍ନ ଓଡ଼ିଶାର ମୁଖ୍ୟ ଖାଦ୍ୟ ଭାବେ ପରିଚିତ, ତେଣୁ ଚାଉଳର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏହି ଯୋଜନାକୁ ପ୍ରସ୍ତୁତ କରାଯାଇଥିଲା ।

ଅନ୍ୟ ବିଭାଗର ସଚିବଙ୍କ ସହ ମଧ ଆଲୋଚନା କରାଯାଇ କିଭଳି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଚାଉଳ ପହଞ୍ଚିପାରିବ ସେନେଇ ସମନ୍ୱୟ ରଖିବାକୁ ଯୋଜନା ହୋଇଥିଲା । ଏହା ପରେ ହିଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରାଯାଇଥିଲା ।

# ଯୋଜନାକୁ ସଫଳ କରିବା ପାଇଁ କିଭଳି ଥିଲା ପ୍ରାକ ପ୍ରସ୍ତୁତି

ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଯୋଜନାକୁ ନେଇ ବୃତାନ୍ତ ରୂପରେଖ ପ୍ରସ୍ତୁତ ହେବା ପରେ ଏହାକୁ କିଭଳି ସଫଳତାର ସହ କାର୍ଯ୍ୟକାରୀ କରିହେବ ତାହା ଏକା ବଡ ଉତ୍ତରଦାୟିତ୍ୱ ଥିଲା । ବିଶେଷ କରି ଯୋଜନାକୁ ସଫଳ କରିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏକନିଷ୍ଠ ଭାବେ ପ୍ରଚେଷ୍ଟା କରିଥିଲେ । ରାସନ ଦୋକାନରେ କିଭଳି ଚାଉଳ ଠିକ ସମୟରେ ପହଞ୍ଚିପାରିବ ଓ ଏହାକୁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇପାରିବ ତାହାର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଏହା ବାଦ ସ୍ଥାନୀୟ ପ୍ରଶାସନ ସହ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମରେ ଚାଉଳ ବଣ୍ଟନ, ଲୋକଙ୍କ ମଧ୍ୟରେ ଯୋଜନାକୁ ନେଇ ପ୍ରଚାର-ପ୍ରସାର, ଜନସାଧାରଣଙ୍କୁ ସଚେତନ କରିବାକୁ ପଦକ୍ଷେପ ନିଆଯାଇଥିଲା ।

ପରିଚାଳନା ନିର୍ଦ୍ଦେଶକଙ୍କ ପକ୍ଷରୁ ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ସାଧାରଣ ପ୍ରବନ୍ଧକ (ବଣ୍ଟନ)ଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରେସନ୍ କାର୍ଡ, ବ୍ୟାନର ଓ ପୋଷ୍ଟରଗୁଡ଼ିକର ଛପା ସହ ଜିଲ୍ଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ରେସନ୍ କାର୍ଡର ସଠିକ୍ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଥିଲା । ସେହିପରି ସାଧାରଣ ପ୍ରବନ୍ଧକ (ସଂଗ୍ରହ)ଙ୍କୁ ସମସ୍ତ ଜିଲ୍ଲା କାର୍ଯ୍ୟାଳୟ ସହ ସମନ୍ୱୟ ରଖିବା। ଜିଲ୍ଲା, ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ଯୋଜନାର ଉଦ୍‌ଘାଟନ ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାର ନିରୀକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଥିଲା । ସାଧାରଣ ପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ)ଙ୍କୁ ପ୍ରଚାର ଅଭିଯାନ ଓ ସଚେତନତା ବାର୍ତ୍ତାର ସମନ୍ୱୟ ସହ ସୋସିଆଲ୍ ମିଡିଆ ଓ ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରଚାର, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ସହ ଯୋଗାଯୋଗ ରଖି ସମ୍ବାଦପତ୍ର ବିଜ୍ଞାପନ, ହୋର୍ଡିଂ, ରେଡିଓ ଜିଙ୍ଗଲ୍ ଓ ଟିଭି ସ୍ପଟ୍‌ର ସମୟମତେ ପ୍ରସାରଣ ସୁନିଶ୍ଚିତ କରିବାକୁ ଦାୟିତ୍ୱ ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (CMAY)ର ଶୁଭାରମ୍ଭ ଓ ପ୍ରଚାର ସମ୍ବନ୍ଧୀୟ ସୂଚନାର ପ୍ରଚାର ଓ ପ୍ରସାର ପାଇଁ ଟିଭି ସ୍ପଟ୍‌ସ ଏବଂ ରେଡିଓ ଜିଙ୍ଗଲ୍ସ ପ୍ରସାରଣ କରାଯିବାକୁ ଯୋଜନା କରାଯାଇଥିଲା । ସେହିପରି ଜିଲ୍ଲା ସଦର ମହକୁମା, ବ୍ଲକ୍, ତହସିଲ, ପୌରାଞ୍ଚଳ (ULB) ଏବଂ ସବ୍-ଡିଭିଜନ ଅଫିସଗୁଡ଼ିକରେ ହୋର୍ଡିଂ ଲଗାଯାଇଥିବାବେଳେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ କଡ଼ରେ ମୋଟ ୧୦ଟି ହୋର୍ଡିଂ ୧ ମାସ ପାଇଁ ଲଗାଯାଇଥିଲା । ସେହିପରି ମୁଖ୍ୟ ଖବରକାଗଜଗୁଡ଼ିକରେ ରଙ୍ଗୀନ ବିଜ୍ଞାପନ ପ୍ରକାଶ ପାଇବା ସହ ଶୁଭାରମ୍ଭ କାର୍ଯ୍ୟକ୍ରମର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରାଯାଇଥିଲା। କେବଳ ଏତିକି ନୁହେଁ ସୁଲଭ ମୂଲ୍ୟ ଦୋକାନରେ ଲୋକଙ୍କୁ ସଚେତନ ପାଇଁ ବ୍ୟାନର, ଗ୍ରାମପଞ୍ଚାୟତ ପାଇଁ ବ୍ୟାନର ସହ ଜିଲ୍ଲାସ୍ତରୀୟ ଉଦ୍‌ଘାଟନ ପାଇଁ ଏକ ବଜେଟ ସ୍ଥିର କରାଯାଇଥିଲା ।

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (CMAY) ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି ପାଇଁ ଟିଭି ସ୍ପଟ୍ ଓ ରେଡିଓ ଜିଙ୍ଗଲ୍‌ର ପ୍ରସାରଣକୁ ଅଧିକ ଏକ ସପ୍ତାହ ଜାରି ରଖିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅନୁରୋଧ କରାଯାଇଥିଲା । ଯାହାଦ୍ୱାରା ଅଧିକରୁ ଅଧିକ ଲୋକ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ବାବଦରେ ଜାଣିପାରିଥିଲେ ।

# 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ











# ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

## 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ର ଶୁଭାରମ୍ଭ

ଲୋକଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର  ଇଡ଼କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଖାଦ୍ୟାଭାବ ଜନିତ ଚିନ୍ତାରେ ଥିବା ଲୋକଙ୍କ ମଧ୍ୟରେ ନୂଆ ଆଶା ଭରିଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର,ରାଜ୍ୟ ମନ୍ତ୍ରୀପରିଷଦର ସଦସ୍ୟବୃନ୍ଦ, ବିଭାଗୀୟ ପ୍ରମୁଖ ଶାସନ ସଚିବ, ବରିଷ୍ଠ ସରକାରୀ ଅଧିକାରୀ, ଅଙ୍ଗନୱାଡି  କର୍ମୀ ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ସାମିଲ ହୋଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।


'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଯ୍ୟକ୍ରମର ପ୍ରବେଶ ପଥ


'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଯ୍ୟକ୍ରମର ପ୍ରବେଶ ପଥ



'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର କାର୍ଯ୍ୟକ୍ରମସ୍ଥଳ


କାର୍ଯ୍ୟକ୍ରମରେ ଉପସ୍ଥିତ ହିତାଧିକାରୀ


ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥି


ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ

# କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କ ବକ୍ତବ୍ୟ



## ଶ୍ରୀ ମୋହନ ଚରଣ ମାଝୀ

**ମାନ୍ୟବର ମୁଖ୍ୟମନ୍ତ୍ରୀ**

"ଓଡ଼ିଶାର କୌଣସି ପରିବାର ଭୋକରେ ରହିବେ ନାହିଁ, କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ, କୌଣସି ବୟୋଜ୍ୟଷ୍ଠ ଅନ୍ନ ଅଭାବରୁ କଷ୍ଟ ପାଇବେ ନାହିଁ, ଏହି ମହାନ୍ ଉଦ୍ଦେଶ୍ୟ ରଖି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ଗରିବଙ୍କ ମୁହଁରେ ଫୁଟାଇବ ହସ। ଏହି ଯୋଜନା ଜନିତ  ବ୍ୟୟ ଆମ ପାଇଁ ଖର୍ଚ୍ଚ ନୁହେଁ, ଏହା ଏକ ପବିତ୍ର ସାମାଜିକ ନିବେଶ ।"

## ଶ୍ରୀମତୀ ପ୍ରଭାତୀ ପରିଡ଼ା

**ମାନ୍ୟବର ଉପମୁଖ୍ୟମନ୍ତ୍ରୀ**

" ସରକାର ସୁଭଦ୍ରା ଦେଲେ ଆଉ ଏବେ ଅନ୍ନପୂର୍ଣ୍ଣା । ସୁଭଦ୍ରା ଆଉ ଅନ୍ନପୂର୍ଣ୍ଣା ଦୁହେଁ ଯେଉଁ ଘରେ ପହଞ୍ଚିବେ, ସେ ଘର ସ୍ୱୟଂସମ୍ପୂର୍ଣ୍ଣ ହେବ। ଆଜି ଯେଉଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ ହେଉଛି ତାର ସାଧୁବାଦ ଆପଣଙ୍କୁ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ମହିଳାମାନଙ୍କ ତରଫରୁ ଧନ୍ୟବାଦ ।





## ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର

**ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ**

"ଆମ ସରକାର ହେଉଛି ଅନ୍ତ୍ୟୋଦୟର ସରକାର, ଯାହା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତ ସୁବିଧା ପହଞ୍ଚାଇବା ପାଇଁ ବଦ୍ଧପରିକର"।



**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମାନ୍ୟବର ପୂର୍ତ୍ତ ଓ ଆଇନ ମନ୍ତ୍ରୀ

"ଗରିବ ପରିବାରର ଦୁଃଖ ବୁଝି ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଜନକଲ୍ୟାଣକାରୀ 'ଅନ୍ନପୂର୍ଣ୍ଣା ଯୋଜନା' ପରିକଳ୍ପନା କରିଛନ୍ତି"।



**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ଭୁବନେଶ୍ୱର ସାଂସଦ

" 'ଅନ୍ତ୍ୟୋଦୟ' ହେଉଛି ଆମର ମେରୁଦଣ୍ଡ ଯେଉଁମାନେ ତୃଣମୂଳସ୍ତରରେ ସେମାନଙ୍କୁ ଆମେ ଆଗକୁ ଆଣିବାକୁ ଚାହୁଁଛୁ"।



**ଶ୍ରୀ ସଞ୍ଜୟ କୁମାର ସିଂହ**
ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର
ପ୍ରମୁଖ ଶାସନ ସଚିବ

" 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଅଧୀନରେ ହିତାଧିକାରୀମାନେ କେନ୍ଦ୍ର ସରକାରଙ୍କ ଯୋଜନାରେ ମିଳୁଥିବା ୫ କିଲୋଗ୍ରାମ ଚାଉଳ ସହ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପାଇପାରିବେ । ଫଳସ୍ୱରୂପ ପ୍ରତ୍ୟେକ ହିତାଧିକାରୀ ମାସକୁ ୧୦ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରାପ୍ତ କରିବେ ।"

# ଜିଲ୍ଲାସ୍ତରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ର ଶୁଭାରମ୍ଭ କାର୍ଯ୍ୟକ୍ରମ

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏଥିରେ ସ୍ଥାନୀୟ ଲୋକପ୍ରତିନିଧି, ଜିଲ୍ଲା ପ୍ରଶାସନର ଅଧିକାରୀ ବୃନ୍ଦ ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ ।


ଜଗତସିଂହପୁର


ଯାଜପୁର


ଢେଙ୍କାନାଳ


ଦେବଗଡ଼


ନୟାଗଡ଼


କଳାହାଣ୍ଡି


ବଲାଙ୍ଗୀର


ଅନୁଗୁଳ


ଭଦ୍ରକ

# ଯୋଗ୍ୟ ହିତାଧିକାରୀଙ୍କୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' କାର୍ଡ ବଣ୍ଟନ

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏଥିରେ ସ୍ଥାନୀୟ ଲୋକପ୍ରତିନିଧି, ଜିଲ୍ଲା ପ୍ରଶାସନର ଅଧିକାରୀ ବୃନ୍ଦ ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ।


ମୟୁରଭଞ୍ଜ


ମାଲକାନାଗିରି



କେନ୍ଦୁଝର


ଯାଜପୁର

# ଯୋଗ୍ୟ ହିତାଧିକାରୀଙ୍କୁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଚାଉଳ ବଣ୍ଟନ


ଖୋର୍ଦ୍ଧା


କୋରାପୁଟ


ଦେବଗଡ଼


କୋରାପୁଟ




ଦେବଗଡ଼


ବୌଦ୍ଧ

# ଖାଦ୍ୟ ସୁରକ୍ଷା କରିଛି ସୁନିଶ୍ଚିତ ହିତାଧିକାରୀ ହୋଇଛନ୍ତି ଉପକୃତ



"୫ କେଜି ଲେଖାଏଁ ଦେଉଥିଲେ କେନ୍ଦ୍ର ସରକାର। ଏବେ ଦେଲେଣି ରାଜ୍ୟ ସରକାର ଦୁଇଟା ମିଶିକରି ୧୦ କେଜି। ତାଙ୍କୁ ବହୁତ ବହୁତ ଧନ୍ୟବାଦ"।





"ଆମକୁ ୫ କେଜି ଚାଉଳ ମିଳୁଥିଲା, ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆହୁରି ୫ କେଜି ଅଧିକ ମିଳୁଛି। ସବୁ ମିଶାଇ ଏବେ ମୋଟ ୧୦ କେଜି ଚାଉଳ ମିଳୁଛି। ଏଥିପାଇଁ ମୁଁ ମୁଖ୍ୟମନ୍ତ୍ରୀ ଏବଂ ନୂଆ ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଉଛି"।




"ଆଗରୁ ଆମକୁ ୫ କିଲୋ ଚାଉଳ ମିଳୁଥିଲା। ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆମକୁ ୧୦ କିଲୋ ଚାଉଳ ମିଳୁଛି। ସେଥିପାଇଁ ମୁଁ ସରକାରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି"।




"ମୋ ନାଁ ଗାୟତ୍ରୀ କାଦ୍ରକା। ଆଗରୁ ଆମକୁ ୫ କେଜି ଚାଉଳ ମିଳୁଥିଲା। ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆମକୁ ୧୦ କେଜି ଚାଉଳ ମିଳୁଛି। ଏଥିପାଇଁ ମୁଁ ଓଡ଼ିଶା ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଉଛି"।
















# ଏବେ ମୁଣ୍ଡପିଛା ୧୦ କେଜି ଚାଉଳ




ଭୁବନେଶ୍ୱର, ୧୨/୬ (ଇମିସ): ରାଜ୍ୟର ଗରିବ, ଅସହାୟମାନଙ୍କୁ ଏବେ ମୁଣ୍ଡପିଛା ୧୦ କେଜି ଚାଉଳ ମିଳିବ। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏଭଳି ବଡ଼ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ। ଏଥିପାଇଁ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ରାସନ କାର୍ଡଧାରୀ ମୁଣ୍ଡପିଛା ୫ କେଜି ବଦଳରେ ୧୦ କେଜି ଚାଉଳ ପାଇବେ। ଏକକାଳୀନ ୩ ମାସର ଚାଉଳ ହିତାଧିକାରୀଙ୍କୁ ଦିଆଯିବ। ରାଜ୍ୟର ୧ କୋଟି ୯୬ ହଜାର ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ସଦସ୍ୟ ଏହାଦ୍ୱାରା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ୮୮୧୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଭାର ପଡ଼ିବ। ଆଗରୁ ସୁଭଦ୍ରା ପ୍ରତି ଘରେ

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

## ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍

## ଜନାଶ୍ରୟ ଭବନର ଭିତ୍ତିପ୍ରସ୍ତର

ପହଞ୍ଚିଥିଲା, ଏବେ ଅନ୍ନପୂର୍ଣ୍ଣା ପ୍ରତି ଘରେ ପହଞ୍ଚିବ। ସାରା ଓଡ଼ିଶା ସୁଖ, ସମୃଦ୍ଧିରେ ଭରିଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ବିକାଶକୁ ବହୁଗୁଣିତ କରିବା ସହ ଗରିବ, ମଧ୍ୟବିତ୍ତ, ଅସହାୟଙ୍କ ସେବାରେ ଆମେ ନିଜକୁ ସମର୍ପିତ କରିଛୁ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଏହାର ଉଦାହରଣ। ଓଡ଼ିଶାର ପ୍ରତ୍ୟେକ ପରିବାରର ଭାତହାଣ୍ଡିକୁ ସୁରକ୍ଷିତ ରଖିବା ଆମର ଲକ୍ଷ୍ୟ। କାହାକୁ ଭୋକରେ ଶୋଇବାକୁ ଦେବାନି ହେଉଛି ଆମର ପଣ। ମୁଖ୍ୟମନ୍ତ୍ରୀ କହିଥିଲେ, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ କରିବା ପୂର୍ବରୁ ଜଣେ ବୟସ୍କ କେତେ ଚାଉଳ ଆବଶ୍ୟକ କରିଥାନ୍ତି, ➞ ୯



# କେଜିରୁ ପିଜି ଦେୟମୁକ୍ତ: ମୁଖ୍ୟମନ୍ତ୍ରୀ

୨ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ



# କେଜିରୁ ପିଜି ମାଗଣା ଶିକ୍ଷା

ଦୁଇ ବର୍ଷ ପୂର୍ତ୍ତିରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଶୁଭାରମ୍ଭ ହେଲା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା

## ଏଣିକି ମୁଣ୍ଡପିଛା ମାସକୁ ୫ ବଦଳରେ ୧୦ କେଜି ଚାଉଳ



## ଗରିବଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ



## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



## କେନ୍ଦୁଝରରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ



## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



ଅନୁଗୁଳରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

## ଉପକୃତ ହେବେ ୯ ଲକ୍ଷ ୬୦ ହଜାର ହିତାଧିକାରୀ



## ସୁବର୍ଣ୍ଣପୁରରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

## ଜିଲ୍ଲାରେ ୨୬ ଲକ୍ଷ ୫୪ ହଜାର ୫୮୦ ହିତାଧିକାରୀ

## ହିତାଧିକାରୀଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ

'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଅନ୍ତର୍ଗତ ହିତାଧିକାରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଯୋଜନା ସମ୍ପର୍କିତ ବିଭିନ୍ନ ସୂଚନା ଏବଂ ଏହାକୁ ନେଇ ହିତାଧିକାରୀଙ୍କ ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ କାର୍ଯ୍ୟକ୍ଷମ ହେଉଛି ।

24X7

# ୧୯୬୭

## ଆସନ୍ତୁ, ଓଡ଼ିଶାକୁ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଅଗ୍ରଣୀ କରିବା । ସମୃଦ୍ଧ ଓଡ଼ିଶା ଗଢ଼ି ତୋଳିବା ।

ଖାଦ୍ୟ ସୁରକ୍ଷାର ସୁନିଶ୍ଚିତତା

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

CHIEF MINISTER ANNAPURNA YOJANA

## ତିନି କୋଟିରୁ ଅଧିକ ଓଡ଼ିଶାବାସୀଙ୍କୁ ମିଳୁଛି **ଅତିରିକ୍ତ ଖାଦ୍ୟ ସୁରକ୍ଷା**

**FOLLOW US**

www.oscsc.in  @OSCSC_Odisha  OSCSC.Odisha  @OSCSC_Odisha

**ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**